## ଘରେ ପଶି ଆକ୍ରମଣ ଘଟଣା

# ପୁଲିସ ସହିତ ଲୁଚକାଳି ଖେଳୁଛି ମଙ୍ଗୁଳି

**ଖୋର୍ଦ୍ଧା, ୧୫।୯/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା, ଭୁବନେଶ୍ୱର ଓ ବ୍ରହ୍ମପୁରରେ ଦାଦାବଟି ସହ ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ ମଙ୍ଗୁଳି ପାତ୍ର (୪୪) ପୁଲିସ ସହ ଲୁଚକାଳି ଖେଳୁଛି । ତାକୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଥିବା ପ୍ରକାଶ କରିଛି । ସୂଚନାଯୋଗ୍ୟ, ଗତ ୨୩ତାରିଖରେ ଖୋର୍ଦ୍ଧାର ସମ୍ବିତ ଖୁଣ୍ଟିଆଙ୍କ ଘରେ ଦୁଇଟି କାର୍‌ରେ ୮ଜଣ ବ୍ୟକ୍ତି ଆସି ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ପରିବାର ଲୋକଙ୍କୁ ଧମକ ଚମକ ଦେଇଥିଲେ । ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ସମ୍ବିତଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିଥିଲା । ଅନୁରୂପ ଭାବେ ମଙ୍ଗୁଳି ନାମରେ ଭୁବନେଶ୍ୱର କମିସନରେଟ୍ ପୁଲିସ ଅଧିନସ୍ଥ ଖଣ୍ଡଗିରି ଓ ଏୟାରପୋର୍ଟ ଥାନାରେ ମଧ୍ୟ ମାମଲା ରହିଥିବା ଜଣାପଡ଼ିଛି । ତେବେ ପୁଲିସ ଏବଂ ସାଧାରଣ ଲୋକଙ୍କୁ ଚ୍ୟାଲେଞ୍ଜ ଦେଇ ମଙ୍ଗୁଳି ଦିଲ୍ଲୀର ତାଜ୍ ହୋଟେଲରୁ ନିଜର ଏକ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଦେଖିବାକୁ ମିଳୁଛି । ତେବେ ଓଡ଼ିଶା ପୁଲିସ ମଙ୍ଗୁଳିକୁ ଧରିବା ପାଇଁ ଜାଲ ବିଛାଇଥିବାବେଳେ ମଙ୍ଗୁଳି କେବେ ପୁଲିସ ହାତରେ ଧରାପଡୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ।



ନିତିଦିନ NITIDIN Wed, Sep 16, 2020
http://odishanewsnitidin.com